


# ଜାତୀୟ ଶକ୍ତି ସଂରକ୍ଷଣ ଦିବସ, ୧୪ ଡିସେମ୍ବର ଉପଲକ୍ଷେ

## ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ସପ୍ତମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଅଂଶଗ୍ରହଣ ନିମନ୍ତେ ଆହ୍ୱାନ କରାଯାଉଛି।

**ଏହା ଛାତ୍ରଛାତ୍ରୀମାନଙ୍କ ସହଯୋଗରେ ଶକ୍ତି ସଂରକ୍ଷଣ ସଚେତନତା ପ୍ରସାର ଅଭିଯାନର ଏକ ଅଂଶବିଶେଷ। ସେମାନେ ଶକ୍ତି ସଂରକ୍ଷଣ ସମ୍ବନ୍ଧରେ କିଛି ଜ୍ଞାନ ଆହରଣ କରିବା ସହିତ ଅନ୍ୟମାନଙ୍କୁ ପ୍ରୋତ୍ସାହନ କରିପାରିବେ।**




### ବ୍ଲକସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା

- ବିଦ୍ୟାଳୟର ମୁଖ୍ୟମାନେ ସପ୍ତମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ବ୍ଲକସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ପାଇଁ ମନୋନୟନ କରିପାରିବେ। ବ୍ଲକସ୍ତରୀୟ ପ୍ରତିଯୋଗିତା ସମସ୍ତ ବ୍ଲକରେ **୨୭ ନଭେମ୍ବର, ୨୦୧୬** ରେ ଆୟୋଜନ କରାଯିବ। ଏହି ପ୍ରତିଯୋଗିତାର ଅବଧି ୪୫ ମିନିଟ୍ ଅଟେ। ପିଲାମାନେ ପରୀକ୍ଷାନିମନ୍ତେ ନିଜର ଆବଶ୍ୟକୀୟ ଲିଖନ ଉପକରଣ ଆଣିବେ। ପ୍ରତିଯୋଗିତାର ପ୍ରଶ୍ନୋତ୍ତର ନିମନ୍ତେ ପ୍ରଦତ୍ତ ଅନେକ ଉତ୍ତର ମଧ୍ୟରୁ ଗୋଟିଏ ସଠିକ୍ ଉତ୍ତର ବାଛିବାକୁ ପଡ଼ିବ। ପୌରାଞ୍ଚଳର ଛାତ୍ରଛାତ୍ରୀମାନେ ନିଜ ବ୍ଲକ୍‌ରେ ଭାଗ ନେବେ।
- ବ୍ଲକସ୍ତରୀୟ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କର କୌଣସି ଖର୍ଚ୍ଚ ବହନ କରାଯିବ ନାହିଁ।
- ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ବ୍ଲକସ୍ତରୀୟ ପ୍ରତିଯୋଗିତାର ସ୍ଥାନ ଏବଂ ସମୟର ବିବରଣୀ ପାଇବା ପାଇଁ ନିମ୍ନରେ ଦିଆଯାଇଥିବା websiteରୁ ପାଇପାରିବେ।

### ଜିଲ୍ଲାସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା

- ବ୍ଲକ ଆୟୋଜକଙ୍କ ଦ୍ୱାରା ପ୍ରତି ବ୍ଲକରୁ ୩ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ସେମାନଙ୍କୁ ଜିଲ୍ଲାସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ପାଇଁ ମନୋନୟନ କରାଯିବ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ସମସ୍ତ ଜିଲ୍ଲାର ସଦର ମହକୁମାରେ **୦୪ ଡିସେମ୍ବର, ୨୦୧୬** ତାରିଖରେ ଆୟୋଜନ କରାଯିବ। ଏହି ପ୍ରତିଯୋଗିତାର ଅବଧି ୪୫ ମିନିଟ୍ ଅଟେ। ପିଲାମାନେ ପରୀକ୍ଷାନିମନ୍ତେ ନିଜର ଆବଶ୍ୟକୀୟ ଲିଖନ ଉପକରଣ ଆଣିବେ। ପ୍ରତିଯୋଗିତାର ପ୍ରଶ୍ନୋତ୍ତର ନିମନ୍ତେ ପ୍ରଦତ୍ତ ଅନେକ ଉତ୍ତର ମଧ୍ୟରୁ ଗୋଟିଏ ସଠିକ୍ ଉତ୍ତର ବାଛିବାକୁ ପଡ଼ିବ।
- ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କର କୌଣସି ଖର୍ଚ୍ଚ ବହନ କରାଯିବ ନାହିଁ।
- ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ସ୍ଥାନ ଏବଂ ସମୟର ବିବରଣୀ ନିମନ୍ତେ ନିମ୍ନରେ ଦିଆଯାଇଥିବା website ରୁ ପାଇପାରିବେ।

### ରାଜ୍ୟସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା

- ଜିଲ୍ଲା ଆୟୋଜକଙ୍କ ଦ୍ୱାରା ପ୍ରତି ଜିଲ୍ଲାରୁ ୩ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ସେମାନଙ୍କୁ ରାଜ୍ୟସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଯୋଗଦେବା ନିମନ୍ତେ ଭୁବନେଶ୍ୱରକୁ ଆମନ୍ତ୍ରଣ କରାଯିବ। ଏହି ପ୍ରତିଯୋଗିତାଟି **୧୩.୧୨.୨୦୧୬**, ସମୟ-ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ।
- ଭୁବନେଶ୍ୱରରେ ୧୪.୧୨.୨୦୧୬ଦିନ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ଉତ୍ସବରେ ସମସ୍ତ ପୁରସ୍କାର ବଣ୍ଟନ କରାଯିବ।
- କେବଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଉଥିବା ପ୍ରତିଯୋଗୀ ଓ ତାଙ୍କ ସହିତ କେବଳ ଜଣେ ଶିକ୍ଷକ / ଅଭିଭାବକଙ୍କର ଗସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କ ନିୟମାନୁଯାୟୀ ବହନ କରାଯିବ।
- ସମସ୍ତ ପ୍ରତିଯୋଗୀମାନେ ୧୪.୧୨.୨୦୧୬ଦିନ ଆୟୋଜିତ ହେଉଥିବା ପଦଯାତ୍ରାରେ ଭାଗ ନେବେ।
- ମନୋନୀତ ୪୦ ଜଣ ଛାତ୍ର/ଛାତ୍ରୀମାନଙ୍କୁ ୩ଟି ବିଭାଗରେ ଯଥା ପ୍ଲାଟିନମ୍, ସ୍ୱର୍ଣ୍ଣ ଏବଂ ରୌପ୍ୟ ପୁରସ୍କାର ପ୍ରଦାନ କରାଯିବ।

**ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ୧୪ ଡିସେମ୍ବର ୨୦୧୬ଦିନ ଆୟୋଜିତ ହେଉଥିବା ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ପଦଯାତ୍ରା କାର୍ଯ୍ୟକ୍ରମରେ ଭାଗ ନେବା ସହିତ ଶକ୍ତି ସଂରକ୍ଷଣ ଅଭିଯାନରେ ସହଯୋଗ କରନ୍ତୁ ।**

**ବି.ଦ୍ର. କେବଳ ଓଡ଼ିଶାର ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ। ବିଚାରକ ମଣ୍ଡଳି / ଆୟୋଜକମାନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ସବୁସ୍ତର ପାଇଁ ଅନ୍ତିମ ଅଟେ।**

**ବ୍ଲକ ପୁରସ୍କାର:** ପ୍ରଥମ-ଟ୭୦୦/-, ଦ୍ୱିତୀୟ-ଟ୫୦୦/-, ତୃତୀୟ-ଟ୩୦୦/- | **ଜିଲ୍ଲା ପୁରସ୍କାର:** ପ୍ରଥମ-ଟ୧୦୦୦/-, ଦ୍ୱିତୀୟ-ଟ୭୦୦/-, ତୃତୀୟ-ଟ୫୦୦/- | **ରାଜ୍ୟ ପୁରସ୍କାର:** ପ୍ଲାଟିନମ୍- ଟ୫୦୦୦/- (୫ଟି), ସ୍ୱର୍ଣ୍ଣ- ଟ୩୦୦୦/- (୧୦ଟି), ରୌପ୍ୟ- ଟ୨୦୦୦/-(୨୫ଟି)

ସ୍ଥାନ ଓ ସମୟ ପାଇଁ ଦେଖନ୍ତୁ: **www.orienvis.nic.in, www.as1.ori.nic.in/eicelectricity, www.cesorissa.org**

ଫୋନ-୦୬୭୪-୨୫୫୧୮୫୩ / ୯୪୩୭୧୦୫୧୭୭ / ୯୯୩୭୩୭୨୦୭୪ / ୯୪୩୮୮୨୬୫୦୭ / ୯୪୩୮୧୮୮୨୬୯, E-mail: cesodisha@gmail.com

ENERGY IS LIFE
BEE
CONSERVE IT

**ସହଯୋଗ:**
ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବି.ଇ.ଇ.)
କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ, ନୂଆଦିଲ୍ଲୀ

**ପ୍ରାୟୋଜକ:**
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ଓ ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ,
ରାଜ୍ୟପଦାଧିକାରୀ ସଂସ୍ଥା (ଏସ୍.ଡି.ଏ), ଶକ୍ତି ବିଭାଗ, ଓଡ଼ିଶା ସରକାର

**ସହାୟତା:**
ସେଣ୍ଟର ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ୍ ଷ୍ଟଡିଜ
ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର

**ନିଜର ଏବଂ ଦେଶର ଉନ୍ନତି ନିମନ୍ତେ ଶକ୍ତି ସଞ୍ଚୟ କରନ୍ତୁ।**